# ଅଙ୍ଗାରବନ୍ଧ ମହିମା ଆଶ୍ରମର ମାଘମେଳା ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ।

ଅନୁଗୋଳ ୨୮.୧ :- ଢେଙ୍କାନାଳର ଯୋରନ୍ଦା ଭଳି ଅନୁଗୋଳର ଅଂଗାରବନ୍ଧ ମହିମା ଆଶ୍ରମର ପ୍ରସିଦ୍ଧ ମାଘ ମେଳାର ସୁପରିଚାଳନା ନିମନ୍ତେ ପ୍ରଥମ ଥର ପାଇଁ ପ୍ରଶାସନିକ ସ୍ତରରେ ଆଜି ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଂକ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଫେବୃୟାରୀ ୭,୮ ଓ ୯ ତାରିଖ ୩ ଦିନ ବ୍ୟାପି ଏହି ମେଳାର ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଶେଷ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ମେଳାରେ ୫୦ ହଜାର ଲୋକ ରୁଣ୍ଡ ହେଉଥିବାରୁ ଶାନ୍ତି ଶୃଂଖଳା ବଜାୟ ରଖିବା ନିମନ୍ତେ ଏକ ପ୍ଲାଟୁନ୍ ଫୋର୍ସ ମୃତୟନ କରାଯିବ । ଏହାଛଡା ମେଳାରେ ଏକ ଆମ୍ବୁଲାନ୍ସର ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଂକୁ ଦାୟିତ୍ୱ ଦିଆଯାଇଛି । ମେଳା ସମୟରେ ପାନୀୟ ଜଳ ଯୋଗାଣ ସହ ପରିମଳ ବ୍ୟବସ୍ଥା କରିବାକୁ ଉପ ଜଲ୍ଲାପାଳ ବିଭାଗୀୟ ଯନ୍ତ୍ରୀଂକୁ ପରାମର୍ଶ ଦେଇଛନ୍ତି । ମହିଳାମାନଂକ ପାଇଁ ୨ଟି ଅସ୍ଥାୟୀ ପାଇଖାନା ପ୍ରତିଷ୍ଠା କରିବା ସହ ନିରବଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି । ମହିମାଗାଦୀକୁ ଯାଇଥିବା ରାସ୍ତାରେ ଖାଲ ଖମାଗୁଡିକୁ ମରାମତି କରିବାକୁ ପୂର୍ତ୍ତ ବିଭାଗକୁ ପରାମର୍ଶ ଦିଆଯାଇଛି । ଏହାଛଡା ଅଂଗାରବନ୍ଧ ପଞ୍ଚାୟତ ରାସ୍ତା କାମ କରିବାକୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଂକୁ ପରାମର୍ଶ ଦିଆଯାଇଛି । କୌଣସି ପ୍ରକାର ଅପ୍ରିତିକର ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ସଂସ୍ଥା ସଜାଗ ରହିବା ସହ ମେଳାରେ ବିକ୍ରି ହେଉଥିବା ଖାଦ୍ୟ ଗୁଡିକୁ ଯାଂଚ କରିବାକୁ ପରାମର୍ଶ ଦିଆଯାଇଛି । ଅନୁଗୋଳ ତହସିଲଦାର ଶ୍ରୀ ନେହେରୁ ମାଝି ରାଜସ୍ୱ ନିରିକ୍ଷକଂକ ସହ ଉକ୍ତ ସ୍ଥାନକୁ ଯାଇ ମେଳା ପଡିଆକୁ ଅନୁଧ୍ୟାନ କରିବା ସହ ଆନୁସଂଗିକ ବ୍ୟବସ୍ଥା ସମ୍ପର୍କରେ ଉପଜିଲ୍ଲାପାଳଂକୁ ଅବଗତ କରିବେ । ସେହିପରି ପୌରପାଳିକା ଅନୁଗୋଳ ଦ୍ୱାରା ପଲିଥିନ ବ୍ୟବହାରକୁ କଡା କଡି ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି । ଏହାଛଡା ଏହି ବୈଠକରେ ମହିମାଧର୍ମ ଗାଦିର ଫଳକ ଲଗାଇବା ସହ ଉକ୍ତ ସ୍ଥାନରେ ସ୍ଥାୟୀ ଆଲୋକିକରଣ ବ୍ୟବସ୍ଥା କରିବାକୁ ମହିମାଗାଦିର କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ଅଶ୍ୱିନି କୁମାର ଦାସ, ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ବିଶୋଇ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେନ୍ଦ୍ର ନାଥ ମହାନ୍ତି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦିଶ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ, ଅଂଗାରବନ୍ଧ ସରପଞ୍ଚ ଶ୍ରୀ ବସନ୍ତ କୁମାର ମାହାଳିକ,ମାଘମେଳା କମିଟିର ସଦସ୍ୟ ଶ୍ରୀ ବିଜ୍ଞାନ ବେହେରା, ମହିମା ଆଶ୍ରମର ବାବା ଅରୂପ ଦାସ, ବାବା ବିଶ୍ୱନାଥ ଦାସ, ବାବା ସୁରେନ୍ଦ୍ର ଦାସଂକ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।



